# Akashvani, Sambalpur

## SAMBALPURI NEWS EVENING BULLETIN

**19 September 2024- 7.02 pm- 7.12 pm.**

*********************************************

୧- ଓଡ଼ିଶାକେ ୨୦୩୬ ମସିହାତକ୍ ଗୁଟେ ବିକଶିତ୍ ରାଜ୍ୟ କର୍‌ବାର୍‌କେ ସର୍‌କାର୍ ଲକ୍ଷ୍ୟ ରଖିଛନ୍- କହେଲେ ମୁଖ୍ୟମନ୍ତ୍ରୀ ।

- ପୁରୀ ନ ବିକାଶ ମେଳାର ହେଲା ଉଦ୍‌ଘାଟନ୍ ।

୨- ରାଏଜେ ଡାକ୍ତରୀ ଚିକିତ୍ସା କ୍ଷେତ୍ରଥି ଉନ୍ନତି ଆନ୍‌ବାର୍ ଲାଗି ୬ ଟା ବିଶ୍ୱବିଦ୍ୟାଳୟ ସାଙ୍ଗେ ହେଲା ଚୁକ୍ତିନାମା ।

୩- ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍‌ର ବୈଷୟିକ ସର୍ଭେ ଆଏବା ୨୪ ତାରିଖିତକ୍ ସାର୍‌ବାର୍‌କେ ଏଏସ୍‌ଆଇକେ ଚିଠି ଲେଖିଲେ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ୍ ।

ଆଉର୍

୪- ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏବା ୨୩ ତାରିଖ୍ ଦିନ ହେବା ।

- ଆଏଜ୍‌ଠାନୁ ଅନ୍‌ଲାଇନ୍ ଜରିଏ ହେଲା ପଞ୍ଜିକରଣ୍ ।

ବିକାଶ୍ ମେଲା                                      ଆର୍ଏନ୍ୟୁ
/ସମ୍ବଲପୁର

ରାଜ୍ୟ ସର୍କାର୍ଙ୍କର୍ ଶହେ ଦିନ୍ ପୁରା କର୍ବାର୍ ଅବ୍ସରେ ଆଏଜ୍ ପୁରୀ ଶର୍ଧାବାଲି ନ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍ ହେଇଯାଇଛେ । ୨୦୩୬ ମସିହାତକ୍ ଓଡ଼ିଶାକେ ଗୁଟେ ବିକଶିତ୍ ରାଜ୍ୟ କର୍ବାର୍ ଲାଗି ଇଥି ଆଲୋଚନା ହେଇଥିଲା । ଶହେ ଦିନର୍ କାର୍ଯ୍ୟର୍ ସମୀକ୍ଷା କରିକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ଯେ, ରାଜ୍ୟ ସର୍କାର୍ ଓଡ଼ିଶାର୍ ଲୋକ୍ମାନ୍କର୍ ପ୍ରିୟପାତ୍ର ହେଇପାରିଛନ୍ । ଭକ୍ତମାନ୍କର୍ ଲାଗି ପୁରୀ ଶ୍ରୀମନ୍ଦିର୍ର ଚାର୍ହି ଦୁଆର୍ ଖୁଲାଯିବାର୍ ସହେତେ ରତ୍ନଭଣ୍ଡାର୍ ଖୁଲାଯାଇଛେ । ରାଜ୍ୟ ସର୍କାର୍ ଶ୍ରୀମନ୍ଦିର୍ ଲାଗି ୫ ଶହ କୋଟି ଟଙ୍କାର କର୍ପସ୍ ଫଣ୍ଡ ଗଠନ୍ କରିଛନ୍ । ସେନ୍ତା ଓଡ଼ିଆ ଅସ୍ମିତା ଲାଗି ୨ ଶହ କୋଟି ଟଙ୍କା ପାଣ୍ଠିକେ ଅନୁମୋଦନ୍ ଦିଆଯାଇଛେ । ନିର୍ମାଣ୍ ଶ୍ରମିକମାନ୍କର୍ କ୍ଷେତ୍ରଥି ଦୁର୍ଘଟଣା ଜନିତ ମୃତ୍ୟୁ ଲାଗି ୪ ଲାଖ୍ ନୁ ୬ ଲାଖ୍ ଟଙ୍କାକେ ବଢ଼ାଯିବାର୍ ସହେତେ ସ୍ୱାଭାବିକ୍ ଭାବେ ମୃତ୍ୟୁ ହେଲେ ୩ ଲାଖ୍ ଟଙ୍କା ଦେବାର୍ ଲାଗି ସର୍କାର୍ ନିଷ୍ପତି ନେଇଛନ୍ । ରାଜ୍ୟ ସର୍କାର୍ଙ୍କର୍ ଶହେ ଦିନର୍ ଉପଲବ୍ଧି ବାବ୍ଦେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ଯେ, ୮୦ ବର୍ଷ ବୟସ୍କ ଆଉ ୮୦ ପ୍ରତିଶତ୍ ଦିବ୍ୟାଙ୍ଗ ମାନ୍କର୍ ଲାଗି ସର୍କାର୍ ମାସ୍କ ସାଢ଼େ ୩ ହଜାର୍ ଟଙ୍କା ପେନ୍ସନ୍ ବ୍ୟବସ୍ଥା କରିଛନ୍ । ଆଦିବାସୀ ଛାତ୍ରଛାତ୍ରୀମାନେ ଅଧାଥି ପାଠ୍ ଛାଡୁଥିବାର୍କେ

ଗୁକ୍‌ବାର୍ ଲାଗି ମାଧୋସିଂ ହାତଖର୍ଚ୍ଚ ଯୋଜ୍‌ନାଥି ଛାତ୍ରଛାତ୍ରୀମାନ୍‌କୁ ୫ ହଜାର୍ ଟଙ୍କାତକ୍ ଦେବାର୍‌କେ ବ୍ୟବସ୍ଥା କରାଯାଇଛେ ।

ଲୋକ୍‌ସେବା ଭବନ୍ ଆର୍ ବିଧାନ୍‌ସଭାକେ ସାମ୍ବାଦିକ୍‌ମାନ୍‌କର୍ ଯିବାର୍‌କେ ଅନୁମତି ଦିଆଯାଇଛେ । ଜନଶୁଣାଣିକେ ସର୍‌କାର୍ ଅଗ୍ରାଧିକାର୍ ଦଉଛନ୍ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ । କୃଷି କ୍ଷେତ୍ରଥି ଚାଷୀମାନ୍‌କୁ ସାହାଜ୍ ଦେବାର୍ ଲାଗି ବଜେଟ୍‌ଥି ସିଏମ୍ କିଷାନ୍ ସମ୍ମାନ୍ ଯୋଜ୍‌ନାଥି ରାଜ୍ୟର୍ ୪୬ ଲାଖ୍ ଚାଷୀଙ୍କୁ ୨ ହଜାର୍ ଟଙ୍କା ପହେଲା କିସ୍ତି ଦିଆଯାଇଛେ । ସେନ୍ତା ସର୍‌କାର୍ ଧାନର୍ ସର୍ବନିମ୍ନ ସହାୟକ ମୂଲ୍ୟ ୩ ହଜାର୍ ଶହେ ଟଙ୍କା କର୍‌ବାର୍ ଲାଗି ନିଷ୍ପତି ନେଇଛନ୍ । ଜଲ୍‌ସେଚନ୍ ବ୍ୟବସ୍ଥାକେ ସୁଦୃଢ଼ କରାଯିବାର୍ ସହେତେ ଫି ସବ୍‌ଡିଭିଜନ୍‌ଥି ଶୀତଲ୍‌ଭଣ୍ଡାର୍ ତିଆର୍ କର୍‌ବାର୍ ଲାଗି ସର୍‌କାର୍ ପଦକ୍ଷେପ୍ ନଉଛନ୍ । ଖାଲି ପଡ଼ିଥିବା ୧୬ ହଜାର୍ ଶିକ୍ଷକ୍ ପଦ୍‌ବୀ ପୂରଣ୍ ଆଉ ସୁଭଦ୍ରା ଯୋଜ୍‌ନାଥି ମହିଳାମାନ୍‌କୁ ସ୍ୱାବଲମ୍ବୀ କର୍‌ବାର୍ ଲାଗି ୫ ବଛର୍ ଭିତ୍‌ରେ ୫୦ ହଜାର୍ କୋଟି ଟଙ୍କା ରାଜ୍ୟ ସର୍‌କାର୍ ଦେବେ । ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତି ଗଲା ମଙ୍ଗଲ୍‌ବାର୍ ଦିନ ଦିଆଯାଇଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ଅନୁଦାନ୍‌କେ ଠିକ୍ ଭାବେ ବେଭାର୍ କରିକରି ଦେଶ ଆର୍ ରାଜ୍ୟର୍ ବିକାଶ୍ କର୍‌ବାର୍ ଲାଗି ବୈଠକ୍‌ଥି ମତ ପ୍ରକାଶ୍ ପାଇଛେ । ବିକଶିତ୍ ଭାରତ୍ ଗଠନ୍‌ଥି ଓଡ଼ିଶା ନିଶ୍ଚିତ୍ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶା କରିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍...

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

ଇ ଅବ୍ସରେ ପୁରୀର୍ ନୀଳାଚଳ ଅର୍ବାନ ହାଟ୍ ନ ବିକାଶ୍ ମେଳାକେ ମୁଖ୍ୟମନ୍ତ୍ରୀ ଉଦ୍ଘାଟନ୍ କରିଛନ୍ । ରାଜ୍ୟର୍ ସବୁ ଜିଲ୍ଲା ନ ଆଏଜ୍ନୁ ୨୨ ତାରିଖ୍ତକ୍ ବିକାଶ୍ ମେଳା ଆୟୋଜନ୍ କରାଯିବା । ଇଥି ରାଜ୍ୟ ସର୍କାର୍ଙ୍କର୍ ଭିନ୍ ଭିନ୍ ଯୋଜ୍ନା ଆଉ ସଫଳତା ବାବ୍ଦେ ପ୍ରଚାର୍ ପ୍ରସାର୍ କରାଯିବା ।

ସ୍ୱାସ୍ଥ୍ୟମନ୍ତ୍ରୀ-ଏମ୍ଓୟୁ ଆର୍ଏନ୍ୟୁ/ କଟକ୍

ରାଜ୍ୟ ସର୍କାର୍ ଡାକ୍ତରୀ ଚିକିତ୍ସା କ୍ଷେତ୍ରଥି ଉନ୍ନତି ଆନ୍ବାର୍ ଲାଗି ୬ ଟା ବିଶ୍ୱବିଦ୍ୟାଳୟ ସାଙ୍ଗେ ଚୁକ୍ତିନାମା ସ୍ୱାକ୍ଷର୍ କରିଛନ୍ । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ଙ୍କର୍ ସୂଚ୍ନା ଅନ୍ସାରେ ଓଡ଼ିଶାର୍ ସ୍ୱାସ୍ଥ୍ୟ ବିଜ୍ଞାନ୍ ବିଶ୍ୱବିଦ୍ୟାଳୟ ସହେତେ ଡାକ୍ତରୀ ଚିକିତ୍ସାର୍ ଉନ୍ନତ୍ ଗବେଷଣା ଲାଗି ରାଜିନାମା ହେଇଛେ । ଆର୍ୟୁବେଦ୍ ଆଉ ହୋମିଓପାଥି ସହେତେ ଏଲୋପେଥି ଗବେଷଣା ଲାଗି ସର୍କାର୍ ଚୁକ୍ତିନାମା ସ୍ୱାକ୍ଷରିତ୍ କରିଛନ୍ ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ । ଇତାର୍ଛଡ଼ା ରାଜ୍ୟର୍ ସବୁ ଜିଲ୍ଲାନୁ ମେଡ଼ିକାଲ୍ କଲେଜ୍ ପ୍ରତିଷ୍ଠା କର୍ବାର୍କେ ଲକ୍ଷ୍ୟ ରଖାଯାଇଛେ । ଆଏବା ୫ ବଛର୍ ଭିତ୍ରେ ଇ ଲକ୍ଷ୍ୟ ପୂରଣ୍ ଲାଗି ସର୍କାର୍ କାର୍ଯ୍ୟଖସଡ଼ା ପ୍ରସ୍ତୁତ୍ କରୁଛନ୍ । ତାଲ୍ଚେର୍ ଆଉ କନ୍ଧମାଲ୍

ନ ୨ ଟା ମେଡ଼ିକାଲ୍ କଲେଜ୍ ତିଆରି କାମ୍ ଖୋବ୍ ଜଲ୍ଦି ମୁଲ୍ ହେବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ।

ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍-ବୈଷୟିକ ସର୍ଭେ /ପୁରୀ

ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍‌ର ବାକିଥିବା ବୈଷୟିକ ସର୍ଭେ ଆଏବା ୨୪ ତାରିଖ୍‌ତକ୍ ସାର୍‌ବାର୍‌କେ ଶ୍ରୀମନ୍ଦିର୍‌ର ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା- ଏଏସ୍‌ଆଇର ମହାନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ । ଗଲାକାଏଲ୍ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍‌ର ବୈଷୟିକ ସର୍ଭେ ଏଏସ୍‌ଆଇ ତର୍‌ଫୁ ହେଇଥିଲା । ଇଥିର୍‌ଲାଗି ଏଏସ୍‌ଆଇର ଅତିରିକ୍ତ ମହାନିର୍ଦ୍ଦେଶକ ଆଉ ବୈଷୟିକ ଟିମ୍‌ର ସବୁ ସଦସ୍ୟମାନ୍‌କୁ ଧନ୍ୟବାଦ୍ ଦେଇକରି ଡକ୍ଟର୍ ପାଢ଼ୀ କହିଛନ୍ ଯେ, ଗଲାକାଏଲ୍ ସର୍ଭେ ବେଲେ ଏଏସ୍‌ଆଇ ବୈଷୟିକ ଟିମ୍‌ର ମୁଖ୍ୟ ଆଉ ସିଏସ୍‌ଆଇଆର୍ ଆଉ ଏନ୍‌ଜିଆର୍‌ଆଇ ର ମୁଖ୍ୟ ବୈଜ୍ଞାନିକ ଆଉ ଗୁଟେ ରାଉଣ୍ଡ୍ ସର୍ଭେ କର୍‌ବାର୍‌କେ ମତ ଦେଇଥିଲେ । ରାଡ଼ାର୍ ପେନିଟ୍ରେଟିଙ୍ଗ୍ ସିଷ୍ଟମ୍ ଆଉ ଅଲ୍‌ଗା ବୈଷୟିକ ଯନ୍ତ୍ର ବେଭାର୍ କରାଯାଇକରି ଇ ସର୍ଭେ କରାଯିବାର୍ ଉତ୍‌ରୁ ଚୂଡ଼ାନ୍ତ ରିପୋର୍ଟ ଦାଖଲ୍ କର୍‌ବାର୍‌କେ ବୈଷୟିକ ଟିମ୍ ପ୍ରସ୍ତାବ୍ ଦେଇଥିଲେ । ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀ କହିଛନ୍

ଯେ, ଆଏବା ୨୪ ତାରିଖ୍‌ନୁ ଦଶ୍‌ହରା ର ୧୬ ପୂଜା ଲାଗି ନୀତିକାନ୍ତି ମୁଲ୍ ହେବା । ପଛେ କାର୍ତିକ୍ ମାସ୍ ଲାଗି ଲମ୍ବା ସମିଆ ଧରିକରି ଗୁରୁତ୍ୱପୂର୍ଣ୍ଣ ନୀତିକାନ୍ତି ଚାଲ୍‌ବା । ସେଥିର୍‌ଲାଗି ଯେତ୍‌କି ଜଲ୍‌ଦି ହେବା ଇ ସର୍ଭେ ଶେଷ୍ କରିକରି ଚୂଡ଼ାନ୍ତ ରିପୋର୍ଟ ଦାଖଲ୍ କର୍‌ବାର୍ ଲାଗି ଶ୍ରୀ ପାଢ଼ୀ ଜୋର୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏବା ୨୩ ତାରିଖ୍ ଦିନ ସଖାଲ୍‌ବେଲାର୍ ୧୧ ବଜେନୁ ଭୁବ୍‌ନେଶ୍ୱର୍ ୟୁନିଟ୍- ୫ ର ସର୍‌କାରୀ ବାସଭବନ୍ ନ ହେବା । ଇଥିର୍‌ଲାଗି ଜନଶୁଣାଣି ପୋର୍ଟାଲ୍ କି ଜନଶୁଣାଣି ମୋବାଇଲ୍ ଆପ୍ଲିକେସନ୍ ଜରିଏ ପଞ୍ଜିକରଣ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ପଞ୍ଜିକୃତ ସବୁନୁ ଅଏତ୍‌କା ହଜାରେ ଦର୍‌ଖାସ୍ତ୍‌କାରୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟିକରି ସେମାନ୍‌କର୍ ଅଭିଯୋଗ୍ ଜନେଇପାର୍‌ବେ । ଆବେଦନ୍‌କାରୀ ପଞ୍ଜିକୃତ ପ୍ରାପ୍ତି ସ୍ୱୀକାର୍ ପତ୍ର ଆଉ ବ୍ୟକ୍ତିଗତ ପରିଚୟ ପତ୍ର ସଙ୍ଗେ ଧାରିଜ୍ ସମିଆଥି ଉପସ୍ଥିତ୍ ରହେବାର୍‌କେ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇତାର୍‌ସହେତେ ଲୁକେ ଯେନ୍ତା

ସେନ ସୁବିଧାଥି ସେମାନ୍‌କର୍ ଅଭିଯୋଗ୍ ଦେଇପାର୍‌ବେ ସେଥିର୍‌ଲାଗି ପ୍ରସ୍ତୁତି କରାଯାଉଛେ ।

ପଂଚାୟତ୍‌ରାଜ୍ ମନ୍ତ୍ରୀ ସମ୍ବଲପୁର ସମ୍ବାଦଦାତା

ପଂଚାୟତ୍‌ରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଆଏଜ୍ କୁଚିଣ୍ଡା ଆଇଟିଡିଏ ସମ୍ମିଲନୀ କକ୍ଷ ନ ଗୁଟେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେଇଛନ୍ । ଇଥି ଖାସ୍‌କରି ଜଲ୍‌ଯୋଗାଣ୍, ସ୍ୱାସ୍ଥ୍ୟ, ପରିମଳ, ରାସ୍ତାଘାଟ, ସ୍ୱାସ୍ଥ୍ୟସେବା ଆଉ ସାଧାରଣ ବଂଟନ୍ ବାବ୍‌ଦେ ସମୀକ୍ଷା କରାଯାଇଥିଲା । ଇତାର୍‌ଛଡ଼ା ଆଗ୍‌କେ ଅଏତ୍‌କା ନୁ ଅଏତ୍‌କା ଉନ୍ନୟନ୍‌ମୂଲକ୍ କାମ୍ ହାତ୍‌କେ ନେବାର୍‌କେ ପରାମର୍ଶ ଦେଇଥିଲେ ।

ଶ୍ରମ ମନ୍ତ୍ରଣାଳୟ- ଆଂଚଲିକ୍ ବୈଠକ ପି.ଆଇ.ବି.

କେନ୍ଦ୍ର ସର୍‌କାର୍‌ଙ୍କର୍ ଶ୍ରମ ଆଉ ନିୟୋଜନ୍ ମନ୍ତ୍ରଣାଳୟ ତର୍‌ଫୁ ଭୁବ୍‌ନେଶ୍ୱର୍ ଠାନେ ଆଏବା କାଏଲ୍ ଓଡ଼ିଶା, ଝାର୍‌ଖଣ୍ଡ, ଆନ୍ଧ୍ରପ୍ରଦେଶ୍, ପଶ୍ଚିମ୍‌ବଙ୍ଗ୍ ଆର୍ ଛତିଶ୍‌ଗଡ୍‌ର ଆଂଚଲିକ୍ ବୈଠକ୍ ହେବା । ଶ୍ରମ ନିୟୋଜନ୍ ମନ୍ତ୍ରଣାଳୟର୍ ସଚିବ୍ ସୁମିତା ଦାଓ୍ୱରାଙ୍କର ଅଧ୍ୟକ୍ଷତାଥି ହେବାର୍‌କେ ଥିବା ଇ

ବୈଠକ୍‌ଥି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେବେ । ଇଥି ଶ୍ରମ ସଂସ୍କାର୍, ଅଣସଂଗଠିତ ଶ୍ରମିକ ମାନ୍‌କର୍ ଇ-ଶ୍ରମ - ନେସ୍‌ନାଲ୍ ଡାଟାବେସ୍, କୋଠାବାଡ଼ି ଆଉ ଅଲ୍‌ଗା ନିର୍ମାଣ ଶ୍ରମିକ, କର୍ମଚାରୀ ରାଜ୍ୟ ବୀମା ନିଗମ୍ ଆଉ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ୍ ଉପ୍‌ରେ ଗୁରୁତ୍ୱ ଦେଇକରି ଭିନ୍ ଭିନ୍ ପ୍ରସଙ୍ଗ୍‌ଥି ଆଲୋଚନା କରାଯିବା ।

ସ୍ୱଚ୍ଛତା ହିଁ ସେବା   ସ୍ୱତନ୍ତ୍ର ରଥ        ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲପୁର ଜିଲ୍ଲା ପରିଷଦ୍ କାର୍ଯ୍ୟାଳୟ ଠାନୁ ସ୍ୱଚ୍ଛତା ହିଁ ସେବା ସ୍ୱତନ୍ତ୍ର ରଥର୍ ମୁଲ୍ କରାଯାଇଛେ । ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ରଥକେ ପତ୍‌କା ଦେଖେଇକରି ଶୁଭାରମ୍ଭ କରିଥିଲେ । ଇ ରଥ ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ଯାଇକରି ଲୋକ୍‌ମାନ୍‌କୁ ସଚେତନ୍ କର୍‌ବା ।

ବିକାଶ୍ ମେଳା -ଦେବ୍‌ଗଡ଼୍        ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ପୌରାଂଚଲ୍ ପ୍ରଧାନ୍‌ପାଟ୍ ବଡ଼ବଗିଚା ନ ଆଏବା କାଏଲ୍‌ନୁ ୨୨ ତାରିଖ୍‌ତକ୍ ୩ ଦିନ୍ ଧରିକରି ବିକାଶ୍ ମେଳା ଅନୁଷ୍ଠିତ୍ ହେବା ବଲି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ

କହିଛନ୍ । ଇ ବାବ୍‌ଦେ ଜିଲ୍ଲାପାଲ୍ ସାମ୍ବାଦିକ୍‌ମାନ୍‌କୁ ବିକାଶ୍ ମେଳାର୍ ଉଦ୍ଦେଶ୍ୟ ଆଉ କାର୍ଯ୍ୟକ୍ରମ୍ ବାବ୍‌ଦେ ସୂଚ୍‌ନା ଦେଇଥିଲେ । ଇ ଅବ୍‌ସରେ ଭିନ୍ ଭିନ୍ ବିଭାଗ୍ ତର୍‌ଫୁ ୩୦ ଟା ଷ୍ଟଲ୍ ଖୁଲାଯାଇକରି ଲୋକ୍‌ମାନ୍‌କୁ ସର୍‌କାର୍‌ଙ୍କର୍ ଯୋଜ୍‌ନା ବାବ୍‌ଦେ ସଚେତନ୍ କରାଯିବା ବଲି ସେ କହିଥିଲେ ।

ଜିଲ୍ଲାସ୍ତରୀୟ ବିକାଶମେଳା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ କଚ୍‌ରୀ ପଡ଼ିଆ ନ ଆଏବା ୨୧ ନୁ ୨୩ ତାରିଖ୍‌ତକ୍ ଜିଲ୍ଲାସ୍ତରୀୟ ବିକାଶମେଳା ହେବା । ଇଥିର୍‌ଲାଗି ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ନ ମେଳାର୍ ପ୍ରସ୍ତୁତି ବାବ୍‌ଦେ ସମୀକ୍ଷା କରାଯାଇଥିଲା । ଆଏଜ୍ ଉପର୍‌ବେଲା ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଗୁଟେ ସଚେତନତା ରଥକେ ପତାକା ଦେଖେଇକରି ଶୁଭାରମ୍ଭ କରିଥିଲେ ।

ସ୍ୱଚ୍ଛତା ହିଁ ସେବା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବିଜ୍ଞାପିତ୍ ଅଂଚଲ୍ ପରିଷଦ୍ ତର୍‌ଫୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ୍ ଅନୁଷ୍ଠିତ୍ ହେଇଯାଇଛେ ।

ଖଡ଼ିଆଲ୍ ଏନ୍ଏସି ଶାସ୍ତ୍ରୀ ସ୍କୁଲ୍ ପରିସର୍, ଖଡ଼ିଆଲ୍ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଆଉ ଥାନା ପରିସର୍ ନ ସଫେଇ କରାଯାଇଥିଲା ।

ବୌଦ୍ଧ-ବୃକ୍ଷରୋପଣ୍ କାର୍ଯ୍ୟକ୍ରମ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ୍ ଅନୁଷ୍ଠିତ୍ ହେଇଯାଇଛେ । କଂଟାମାଲ୍ ହାଇସ୍କୁଲ୍ ପଡ଼ିଆ ଠାନେ ଇ ଅବ୍ସରେ ବୃକ୍ଷରୋପଣ୍ କାର୍ଯ୍ୟକ୍ରମ୍ ହେଇଥିଲା । କଂଟାମାଲ୍ ସର୍କାରୀ ଉଚ୍ଚ ବିଦ୍ୟାଳୟ ନ ଇକୋ କ୍ଲବ୍ ଆର୍ ଜୁନିୟର୍ ରେଡ଼କ୍ରସ୍ ମିଶିକରି ସ୍ୱଚ୍ଛତା ପକ୍ଷ ପାଳନ୍ କରିଥିଲେ । ଇ ଅବ୍ସରେ ସ୍ୱଚ୍ଛତା ଶପଥ୍ ପାଠ୍ କରାଯିବାର୍ ସହେତେ ବିଦ୍ୟାଳୟ ସଫେଇ କରାଯାଇଥିଲା । ଇତାର୍ଛଡ଼ା ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନ୍କୁ ନେଇକରି ଗୁଟେ ସଚେତନତା ଶୋଭାଯାତ୍ରା ଭିଲ୍ ହେଇଥିଲା ।